# Official Spokesperson's response to a query on reference to Jammu & Kashmir in the Joint Statement issued by China and Pakistan

March 17, 2020

## ଚୀନ ଓ ପାକିସ୍ତାନ ଦ୍ୱାରା ଜାରି କରାଯାଇଥିବା ମିଳିତ ବିବୃତ୍ତିରେ ଜାମ୍ମୁ ଓ କାଶ୍ମୀର ସନ୍ଦର୍ଭରେ ଉଲ୍ଲେଖକୁ ନେଇ ଏକ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ମାର୍ଚ୍ଚ 17, 2020

ଏକ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ରବୀଶ କୁମାର କହିଛନ୍ତି ଯେ,

"ନିକଟରେ ପାକିସ୍ତାନୀ ରାଷ୍ଟ୍ରପତିଙ୍କ ଚୀନ ଗସ୍ତ ପରେ ଚୀନ ଏବଂ ପାକିସ୍ତାନ ଦ୍ୱାରା ଜାରି ମିଳିତ ବିବୃତ୍ତିରେ ଜାମ୍ମୁ ଓ କାଶ୍ମୀର ସନ୍ଦର୍ଭରେ ହୋଇଥିବା ଉଲ୍ଲେଖକୁ ଆମେ ପ୍ରତ୍ୟାଖ୍ୟାନ କରୁଛୁ। ଜାମ୍ମୁ ଓ କାଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ ଭାରତର ଏକ ଅଭିନ୍ନ ଅଂଶ। ଜାମ୍ମୁ ଓ କାଶ୍ମୀର ସମ୍ବନ୍ଧୀୟ ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଆମେ ଆଶା କରୁଛୁ ଯେ ଚୀନ ସମେତ ଅନ୍ୟ ଦେଶମାନେ ଭାରତର ସାର୍ବଭୌମତ୍ୱ ତଥା ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦେବା ସହିତ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଉପରେ ଏଭଳି ମନ୍ତବ୍ୟ ଦେବେ ନାହିଁ ଯେପରି ଭାରତ ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ଉପରେ ମନ୍ତବ୍ୟ ଦେବାକୁ ବାରଣ କରେ।

ଅନ୍ୟପକ୍ଷରେ ଭାରତ ତଥାକଥିତ ବେଆଇନ "ଚୀନ-ପାକିସ୍ତାନ ଅର୍ଥନୈତିକ କରିଡର" ଅନ୍ତର୍ଗତ ପ୍ରକଳ୍ପର ଦୃଢ ବିରୋଧ କରିବା ସହିତ ଏନେଇ ଚୀନ ଓ ପାକିସ୍ତାନକୁ ନିଜର ଚିନ୍ତା ଦୋହରାଇବାକୁ ଚାହୁଁଛି। ଭାରତ ଦୋହରାଇବାକୁ ଚାହୁଁଛି ଯେ 1947 ମସିହାରୁ ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ଅଞ୍ଚଳରେ ଏହି ପ୍ରକଳ୍ପ ଚାଲୁଅଛି ଯାହାକି ଭାରତର ଅଗ୍ରାଧିକାର କ୍ଷେତ୍ରରେ ଅଛି। ପାକିସ୍ତାନ ଅଧିକୃତ ଜାମ୍ମୁ ଓ କାଶ୍ମୀରର ଯଥାସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଅନ୍ୟ ଦେଶର କୌଣସି କାର୍ଯ୍ୟକୁ ଭାରତ ଦୃଢ ଭାବରେ ବିରୋଧ କରୁଛି। ଏହିଭଳି କାର୍ଯ୍ୟ ବନ୍ଦ କରିବାକୁ ଆମେ ସମ୍ପୃକ୍ତ ପକ୍ଷମାନଙ୍କୁ ଆହ୍ୱାନ ଦେଉଛୁ। ଏହିଭଳି ବେଆଇନ କାର୍ଯ୍ୟକଳାପ ଭାରତ ପକ୍ଷରେ କଦାପି ଗ୍ରହଣୀୟ ନୁହେଁ।"

**ନୂଆଦିଲ୍ଲୀ**

ମାର୍ଚ୍ଚ 17, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.